# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**27th September - 2024**

**News Editor : *Tapan Kumar Maharana***

*********************************

## <u>ମୁଖ୍ୟ ସମ୍ବାଦ</u>

- ମେକ୍‌ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ର ୨୦୨୫ର ଲୋଗୋକୁ କିଛି ସମୟ ପରେ ଲୋକାର୍ପଣ କରିବେ ମୁଖ୍ୟମନ୍ତ୍ରୀ ।

- ଧାନ ସଂଗ୍ରହ ପ୍ରକ୍ରିୟାକୁ ସରଳ ଓ ତ୍ୱରାନ୍ୱିତ କରିବାପାଇଁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଲେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ।

- "ମା' ପାଇଁ ଗଛଟିଏ" ଅଭିଯାନରେ ଦେଶରେ ବର୍ତ୍ତମାନ ସୁଦ୍ଧା କରାଯାଇଛି ୮୦ କୋଟି ଚାରାରୋପଣ ।

ଏବଂ

- ପର୍ଯ୍ୟଟନ ଓ ଶାନ୍ତିର ବାର୍ତ୍ତା ନେଇ ଆଜି ବିଶ୍ୱରେ ପାଳନ କରାଯାଉଛି ବିଶ୍ୱ ପର୍ଯ୍ୟଟନ ଦିବସ ।

Desk

# ମେକ୍ ଇନ୍ ଓଡ଼ିଶା ଲୋଗୋ

କେନ୍ଦ୍ର ସରକାରଙ୍କର ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମକୁ ଆଜି ଦଶବର୍ଷ ପୂରଣ ହୋଇଛି । ପ୍ରଯୁକ୍ତି ଆଧାରିତ ଷ୍ଟାର୍ଟଅପ୍ ଇକୋସିଷ୍ଟମ କ୍ଷେତ୍ରରେ ଭାରତ ବିଶ୍ୱର ତୃତୀୟ ସ୍ଥାନ ହାସଲ କରିଛି । ଭାରତରେ ପ୍ରସ୍ତୁତ ଅତ୍ୟାଧୁନିକ ରେଳଡବା ସହିତ ଦେଶର ପ୍ରଥମ ସ୍ୱଦେଶୀ ଟ୍ରେନ୍ ବନ୍ଦେ ଭାରତ ଚଳାଚଳ କରୁଛି । ମହାକାଶ କ୍ଷେତ୍ରଠାରୁ ଆରମ୍ଭ କରି ସେମିକଣ୍ଡକ୍ଟର ଏବଂ ଇଲେକ୍‌ଟ୍ରିକ୍ ଯାନ ପ୍ରସ୍ତୁତି ପର୍ଯ୍ୟନ୍ତ, ସରକାରଙ୍କର ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ବାସ୍ତବ ରୂପ ନେଇଛି । ପ୍ରଗତିର ନୂତନ ସୂର୍ଯ୍ୟୋଦୟ ଏବଂ ୨୦୩୬ ମସିହା ସୁଦ୍ଧା ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ମେକ୍‌ଇନ୍ ଓଡ଼ିଶା କନ୍‌କ୍ଲେଭ ୨୦୨୫ର ଲୋଗ୍‌କୁ ଆଉ କିଛି ସମୟ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉନ୍ମୋଚନ କରିବେ ।

ପୂର୍ବ ଭାରତରେ ଓଡ଼ିଶାକୁ ଶିଳ୍ପାୟନର କେନ୍ଦ୍ରସ୍ଥଳ ଭାବେ ଗଢ଼ି ତୋଳିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରର ନିବେଶକମାନେ ପୁଞ୍ଜିନିବେଶ କରିବାପାଇଁ ଯେପରି ଭାବେ ଆକର୍ଷିତ ହେବେ, ସରକାର ସେଥିଲାଗି ବ୍ୟବସ୍ଥା କରୁଛନ୍ତି । ରାଜ୍ୟର ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ହେବା ସହିତ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରେ ବୋଲି ସରକାର କହିଛନ୍ତି ।

*IPR*

# ଧାନ ସଂଗ୍ରହ - ଜିଲ୍ଲାପାଳ ସମ୍ମିଳନୀ

ଧାନ ସଂଗ୍ରହ ପ୍ରକ୍ରିୟାକୁ ସରଳ ଓ ତ୍ୱରାନ୍ୱିତ କରିବାପାଇଁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଛନ୍ତି । ମଣ୍ଡିରେ ସଂଗୃହୀତ ଧାନର ଅନ୍‌ଲାଇନ୍ ପଞ୍ଜୀକରଣ କରିବା ସହିତ ଧାନ ନେଇ ଯାଉଥିବା ଗାଡ଼ିଗୁଡ଼ିକର ଜି.ପି.ଏସ୍. ଟ୍ରାକିଂ ପାଇଁ ଶ୍ରୀ ସିଂହଦେଓ ପରାମର୍ଶ ଦେଇଛନ୍ତି । ଫସଲର ସୁରକ୍ଷା ପାଇଁ ରାଜ୍ୟରେ ଖୁବ୍ ଶୀଘ୍ର ୫୮ଟି ଶୀତଳ ଭଣ୍ଡାର ପ୍ରତିଷ୍ଠା କରାଯିବ । ଚାଷୀମାନେ ଏକାଧିକ ଫସଲ ଜୈବିକ ଉପାୟରେ କରିବାପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ନେବାପାଇଁ ଜିଲ୍ଲାପାଳମାନଙ୍କୁ ଉପମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଜିଲ୍ଲାପାଳ ସମ୍ମିଳନୀରେ ଉଦ୍‌ବୋଧନ ଦେଇ କହିଛନ୍ତି, ଧାନସଂଗ୍ରହ କେନ୍ଦ୍ରର ଭିତ୍ତିଭୂମିରେ ବ୍ୟାପକ ରୂପାନ୍ତର କରାଯିବ । ଧାନମଣ୍ଡିଗୁଡ଼ିକରେ ଶତ ପ୍ରତିଶତ ସି.ସି.ଟି.ଭି. ତଦାରଖ ବ୍ୟବସ୍ଥା, ସ୍ୱଚ୍ଛ ପାନୀୟ ଜଳ, ଶୌଚାଳୟ, ବିଶ୍ରାମ ଗୃହ ଆଦି ବ୍ୟବସ୍ଥା ସୁନିଶ୍ଚିତ କରାଯିବ । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ତାଙ୍କ ସମ୍ବୋଧନରେ କହିଛନ୍ତି, ଚାଷୀମାନଙ୍କଠାରୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩ ହଜାର ୧୦୦ ଟଙ୍କାରେ ଧାନ କିଣାଯିବ ଏବଂ ୪୮ ଘଣ୍ଟା ମଧ୍ୟରେ ଡି.ବି.ଟି. ମାଧ୍ୟମରେ ବ୍ୟାଙ୍କ୍ ଖାତାକୁ ପ୍ରାପ୍ୟ ପ୍ରଦାନ କରାଯିବ । କୃଷି ବିଭାଗର ପ୍ରମୁଖ ଶାସନ

ସଚିବ ବୀର ବିକ୍ରମ ଯାଦବ ତାଙ୍କର ଉଦ୍‌ବୋଧନରେ କହିଛନ୍ତି, ଚଳିତ ବର୍ଷ ଉଭୟ ଖରିଫ୍ ଓ ରବି ଋତୁରେ ପ୍ରାୟ ୧ କୋଟି ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରିବାପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି ।

***Desk***

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୯ ତାରିଖ ରବିବାର ପୂର୍ବାହ୍ନ ୧୧ଟାରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେବେ । ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ । ରାତି ୮ଟାରେ ଆଂଚଳିକ ଭାଷାନ୍ତରଣର ପୁନଃପ୍ରସାରଣ କରାଯିବ ।

*Desk*

## ଓ.ପି.ଏସ୍.ସି. ଅଧ୍ୟକ୍ଷ

ଓଡ଼ିଶା ଲୋକସେବା ଆୟୋଗ – ଓ.ପି.ଏସ୍.ସି.ର ଅଧ୍ୟକ୍ଷ ଭାବେ ବରିଷ୍ଠ ଆଇ.ପି.ଏସ୍. ଅଫିସର ଅରୁଣ ଷଡ଼ଙ୍ଗୀ ନିଯୁକ୍ତ ହୋଇଛନ୍ତି । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଶ୍ରୀ ଷଡ଼ଙ୍ଗୀ ୬ ବର୍ଷ ପାଇଁ ଏହି ପଦବୀରେ ଦାୟିତ୍ୱରେ ରହିବେ । ବର୍ତ୍ତମାନ ଶ୍ରୀ ଷଡ଼ଙ୍ଗୀ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ପୁଲିସ୍ ଏକାଡେମୀର ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଅଛନ୍ତି । ପୂର୍ବରୁ ସେ ଭାରପ୍ରାପ୍ତ ପୁଲିସ୍ ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ ।

*PIB*

## ମା’ ପାଇଁ ଗଛଟିଏ

“ମା’ଙ୍କ ପାଇଁ ଗଛଟିଏ” ଅଭିଯାନରେ ବର୍ତ୍ତମାନ ସୁଦ୍ଧା ୮୦ କୋଟି ଚାରା ରୋପଣ କରାଯାଇଛି । ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ସହଯୋଗରେ ସାରା ଦେଶରେ ଏହି ଅଭିଯାନରେ ଅଭୂତପୂର୍ବ ସଫଳତା ମିଳିଛି । ଧାର୍ଯ୍ୟ ଦିନର ୫ ଦିନ ପୂର୍ବରୁ ଏହି ଲକ୍ଷ୍ୟ ପୂରଣ ହୋଇଥିବା ଜଣାପଡ଼ିଛି । ଚଳିତ ବର୍ଷ ବିଶ୍ୱ ପରିବେଶ ଦିବସ ଅବସରରେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦିଲ୍ଲୀର ବୁଦ୍ଧ ଜୟନ୍ତୀ ପାର୍କରେ ଏକ ବୋଧିବୃକ୍ଷ ଚାରାରୋପଣ କରି "ମା'ଙ୍କ ନାମରେ ଗୋଟିଏ ଗଛ" ଅଭିଯାନର ଶୁଭାରମ୍ଭ କରିଥିଲେ । ଗତ ୨୨ ତାରିଖରେ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟର ଦୁଇଟି ସଂସ୍ଥାର ମିଳିତ ସହଯୋଗରେ ମାତ୍ର ଏକ ଘଣ୍ଟାରେ ୫ ଲକ୍ଷ ଚାରାରୋପଣ କରି ରେକର୍ଡ଼ ସୃଷ୍ଟି କରିଛନ୍ତି । ସୂଚନାଯୋଗ୍ୟ, ପ୍ରତିରକ୍ଷା ମନ୍ତ୍ରଣାଳୟ ଏହି ଅଭିଯାନରେ ଦେଶବ୍ୟାପୀ ୧୫ ଲକ୍ଷ ଚାରାରୋପଣ ପାଇଁ ଚଳିତ ବର୍ଷ ଅଗଷ୍ଟ ୧୫ ତାରିଖରେ ଘୋଷଣା କରିଥିଲା । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ବିଭିନ୍ନ ବିଭାଗ ପକ୍ଷରୁ ଏହି ଅଭିଯାନରେ ଅଧାବଧି ୭ ହଜାର ଚାରାରୋପଣ କରିପାରିଛି ।

ଏହି ଅଭିଯାନକୁ ସଫଳ କରିବାପାଇଁ 'ଏକ୍ ପେଡ୍ ମା କେ ନାମ୍' ଆପ୍‌ର ଶୁଭାରମ୍ଭ କରାଯାଇଛି । ଏହି ଆପ୍ ଜରିଆରେ ସହଜରେ ଫଟୋ ଅପ୍‌ଲୋଡ଼ିଂ, ଲୋକେସନ୍ ଟ୍ୟାଗିଂ ତଥା କାର୍ବନ୍ କ୍ରେଡିଟ୍ ଟ୍ରାକିଂ ସମ୍ଭବ ହୋଇପାରିଛି ।

ଏହି ଅଭିଯାନ ମା'ଙ୍କୁ ସମ୍ମାନ ଦେବା ସହ ପରିବେଶର ସୁରକ୍ଷା ପ୍ରତି ସଚେତନତା ସୃଷ୍ଟି କରି ଦୁଇଟି ମହତ୍ ଲକ୍ଷ୍ୟ ସାଧନ କରୁଛି ।

*Rayagada/R*

# ସଚିବ ଗସ୍ତ

ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ଶାଳିନୀ ପଣ୍ଡିତ ଦୁଇଦିନିଆ ରାୟଗଡ଼ା ଗସ୍ତରେ ଯାଇ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ସେ ରାୟଗଡ଼ା ବ୍ଲକ୍ ଅନ୍ତର୍ଗତ ତାଡ଼ମା, ପିତାମହଲ ବିଦ୍ୟାଳୟ ପରିଦର୍ଶନ କରିଥିବାବେଳେ ମୁନିଗୁଡ଼ା ଗସ୍ତ କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ । ଏଥିସହିତ ନୂତନ ଭାବେ ନିର୍ମାଣାଧୀନ ଉପଖଣ୍ଡସ୍ତରୀୟ ଡାକ୍ତରଖାନା, ଛତୁଆ ପ୍ରସ୍ତୁତି କେନ୍ଦ୍ର ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ସିଲେଇ କେନ୍ଦ୍ର ବୁଲି ଦେଖିଥିଲେ ।

*Desk*

# ବିଶ୍ୱ ପର୍ଯ୍ୟଟନ ଦିବସ

**ପର୍ଯ୍ୟଟନ ଏବଂ ଶାନ୍ତିର ବାର୍ତ୍ତା** ନେଇ ଆଜି ଦେଶବ୍ୟାପୀ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ କରାଯାଉଛି । ୧୯୮୦ ମସିହାଠାରୁ ଜାତିସଂଘ ବିଶ୍ୱ ପର୍ଯ୍ୟଟନ ସଂଗଠନ ପକ୍ଷରୁ ଆଜିର ଦିନକୁ ବିଶ୍ୱବ୍ୟାପୀ ପାଳନ କରାଯାଇଆସୁଛି। ପର୍ଯ୍ୟଟନର ବିକାଶ ପାଇଁ ସବୁଜ ନିବେଶ ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି । ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ପର୍ଯ୍ୟଟନ ବିଭାଗ ପକ୍ଷରୁ ବିଭିନ୍ନ ପର୍ଯ୍ୟଟନ

ସମ୍ବନ୍ଧୀୟ ସଚେତନତାମୂଳକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି । ଦେଶର ଅର୍ଥନୀତିକୁ ସୁଦୃଢ଼ କରାଇବା ଏବଂ  ପର୍ଯ୍ୟଟନ କ୍ଷେତ୍ରକୁ ବିଶ୍ୱସ୍ତରରେ ପରିଚିତ କରିବା ପାଇଁ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ପର୍ଯ୍ୟଟନ ସାଂସ୍କୃତିକ ଆଦାନ ପ୍ରଦାନ ଏବଂ ଲୋକମାନଙ୍କ ମଧ୍ୟରେ ସଂପର୍କ ବଢ଼ାଇବା କ୍ଷେତ୍ର୍‌ରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ।

***BBSR/R***

# ପର୍ଯ୍ୟଟନ ମିତ୍ର ଶୁଭାରମ୍ଭ

ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ୫୦ଟି ପର୍ଯ୍ୟଟନ ସ୍ଥଳୀରେ ପର୍ଯ୍ୟଟନ ମିତ୍ର ଓ ପର୍ଯ୍ୟଟନ ଦିଦି'ର ଶୁଭାରମ୍ଭ କରାଯାଇଛି । ଏହାଦ୍ୱାରା ଗନ୍ତବ୍ୟ ସ୍ଥଳଗୁଡ଼ିକରେ ପର୍ଯ୍ୟଟକଙ୍କ ପାଇଁ ସାମଗ୍ରିକ ଅନୁଭୂତିକୁ ଉନ୍ନତ କରିବାର ଲକ୍ଷ୍ୟ ରଖାଯାଇଛି ।  ଗନ୍ତବ୍ୟ ସ୍ଥଳରେ ପର୍ଯ୍ୟଟକଙ୍କ ସହ ଯୋଗଯୋଗ କରୁଥିବା ଓ ଜଡ଼ିତ ଥିବା ସମସ୍ତ ବ୍ୟକ୍ତିଙ୍କୁ ପର୍ଯ୍ୟଟନ ସମ୍ବନ୍ଧୀୟ ପ୍ରଶିକ୍ଷଣ ଓ ସଚେତନତା ପ୍ରଦାନ କରି ଏହା କରାଯାଇଛି । ପର୍ଯ୍ୟଟନ ମିତ୍ର ଓ ପର୍ଯ୍ୟଟନ ଦିଦି'ଙ୍କ ଜରିଆରେ ମହିଳା ଓ ଯୁବକମାନଙ୍କୁ ଫୁଡ୍ ଟୁର୍, କ୍ରାଫ୍ଟ ଟୁର୍, ନେଚର ଟ୍ରାକ୍, ହୋମ୍ ଷ୍ଟେ ଅନୁଭୂତି ଆଦି ପ୍ରଶିକ୍ଷଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ଚଳିତ ବର୍ଷ ଅଗଷ୍ଟ ୧୫ ତାରିଖରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହେବା ପରଠାରୁ ୬ଟି ପ୍ରମୁଖ ଗନ୍ତବ୍ୟ ସ୍ଥଳରେ ପ୍ରାୟ ୩ ହଜାର ଲୋକଙ୍କୁ

ପର୍ଯ୍ୟଟକଙ୍କ ପାଇଁ ଏକ ସକାରାତ୍ମକ ଅନୁଭୂତି ସୃଷ୍ଟି ଉଦ୍ଦେଶ୍ୟରେ ପ୍ରଶିକ୍ଷଣ ଦିଆଯାଇଛି ।

*Bhadrak, Nabarangpur/R*

## ପର୍ଯ୍ୟଟନ ଦିବସ

ଭଦ୍ରକ ଜିଲ୍ଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ସଂସ୍କୃତି ଭବନଠାରେ ଆଜି ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଯାଇଛି । ପ୍ରାକୃତିକ ପରିବେଶ, କୁଟୀର ଶିଳ୍ପ, ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ କାର୍ଯ୍ୟ କଲେ ପର୍ଯ୍ୟଟନ ଶିଳ୍ପର ବିକାଶ ହୋଇପାରିବ ବୋଲି କାର୍ଯ୍ୟକ୍ରମରେ ଯୋଗଦେଇ ଉପଜିଲ୍ଲାପାଳ ସ୍ଥାନୀୟ ଜନସାଧାରଣଙ୍କୁ କହିଥିଲେ ।

ନବରଙ୍ଗପୁର ଜିଲ୍ଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଯାଇଛି । ଜିଲ୍ଲାର ୧୦ଟି ବ୍ଲକ୍‌ର ଉଭୟ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

*Nayagarh, Keonjhar/R*

# ସ୍ୱଚ୍ଛତା ହିଁ ସେବା

ନୟାଗଡ଼ ଜିଲ୍ଲା ଦଶପଲ୍ଲା ବିଜ୍ଞପିତ ଅଞ୍ଚଳ ପରିଷଦ ପକ୍ଷରୁ ଆଜି ସ୍ୱଚ୍ଛତା ହିଁ ସେବା ପାଳିତ ହୋଇଯାଇଛି । ଏହି ଅବସରରେ ବିଜ୍ଞପିତ ଅଞ୍ଚଳ ପରିଷଦର ବିଭିନ୍ନ ରାସ୍ତା ସଫେଇ କରାଯାଇଛି । ଏକକ ବ୍ୟବହାର ପଲିଥିନ ବ୍ୟବହାର ନ କରିବା ଏବଂ ପରିବେଶକୁ ନିର୍ମଳ ଓ ସ୍ୱଚ୍ଛ ରଖିବା ନେଇ ଲୋକମାନଙ୍କୁ ସଚେତନ କରାଯାଇଥିଲା ।

ସେହିପରି କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ୍ ଦେଉଳଡିହା ପଞ୍ଚାୟତରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମରେ ଗ୍ରାମବାସୀମାନେ ଅଂଶଗ୍ରହଣ କରି ଗ୍ରାମର ଚତୁଃପାର୍ଶ୍ୱ ପରିଷ୍କାର କରିଥିଲେ । ବର୍ତ୍ତମାନ ସୁଦ୍ଧା ବ୍ଲକ୍‌ର ୪ଟି ପଞ୍ଚାୟତ ବାହ୍ୟ ମଳମୁକ୍ତ ଗ୍ରାମ ଭାବେ ପରିଗଣିତ ହୋଇପାରିଛି ।

***Desk***

# ପି.ଏମ୍. କିଷାନ ସହାୟତା

କୃଷକମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ କେନ୍ଦ୍ର ସରକାର ଆରମ୍ଭ କରିଥିବା ପି.ଏମ୍. କିଷାନ ଯୋଜନାର ୧୮ତମ କିସ୍ତି ଆସନ୍ତା ଅକ୍ଟୋବର ମାସ ୫ ତାରିଖ ଦିନ ପ୍ରଦାନ କରାଯିବ । ଚାଷୀଙ୍କୁ ୨ ହଜାର

ଟଙ୍କା ଲେଖାଏଁ ୩ଟି କିସ୍ତିରେ ବାର୍ଷିକ ମୋଟ୍ ୬ ହଜାର ଟଙ୍କା କେନ୍ଦ୍ର ସରକାର ଏହି ଯୋଜନାରେ ସହାୟତା ପ୍ରଦାନ କରୁଛନ୍ତି । ଯୋଜନାର ୧୬ତମ କିସ୍ତିରେ ଦେଶର ୯ କୋଟି ୩୦ ଲକ୍ଷରୁ ଅଧିକ ଚାଷୀଙ୍କୁ ୨ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଦିଆଯାଇଥିଲା । ସୂଚନାଯୋଗ୍ୟ, କେନ୍ଦ୍ର ସରକାର ପି.ଏମ୍. କିଷାନ ନିଧି ଯୋଜନା ୨୦୧୮ ମସିହା ଡିସେମ୍ବର ମାସରେ ଆରମ୍ଭ କରିଥିଲେ ।

***Rayagada/R***

# ଜନ ଅଭିଯୋଗ ଶୁଣାଣି

ରାୟଗଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ କଲ୍ୟାଣସିଂହପୁର ବ୍ଲକ୍ ସଭାଗୃହରେ ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ପଞ୍ଜିକୃତ ମୋଟ୍ ୧୧୮ଟି ଅଭିଯୋଗ ମଧ୍ୟରୁ ୯୫ଟି ବ୍ୟକ୍ତିଗତ ଓ ୨୩ଟି ସାମୂହିକ ଅଭିଯୋଗର ଶୁଣାଣି କରାଯାଇଥିଲା ।

*Nayagarh/R*

# ବାର୍ଡ଼ ଫ୍ଲୁ

ନୟାଗଡ଼ ଜିଲ୍ଲା ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ବାର୍ଡ଼ ଫ୍ଲୁ ନିରାକରଣ ସମ୍ପର୍କିତ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରୁ ପରୀକ୍ଷାପାଇଁ ପଠାଯାଇଥିବା ୨୦୪ଟି ନମୁନାରେ ବାର୍ଡ଼ ଫ୍ଲୁ ଭୂତାଣୁ ନ ଥିବା ଜଣାପଡ଼ିଛି । ଏନେଇ ଭୟଭୀତ ନ ହେବାପାଇଁ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ କହିଛନ୍ତି ।

*Sambalpur/R*

# ହୀରାକୁଦ

ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୩୦ ଫୁଟ ରହିଛି । ପର୍ଯ୍ୟାୟକ୍ରମେ ଆଜି ୫ଟି ଗେଟ୍ ଖୋଲାଯାଇଛି । ପୂର୍ବରୁ ୪ଟି ଗେଟ୍ ଖୋଲାଯାଇଥିବାବେଳେ ମୋଟ୍ ୯ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି । ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୫୬ ହଜାର ୫୨୮ ଘନଫୁଟ ଜଳ ପ୍ରବେଶ କରୁଥିବା ସମପରିମାଣର ଜଳ ନିଷ୍କାସିତ ହେଉଛି ।

*****